

ପ୍ରେସ୍ ନୋଟ୍

## ପ୍ରାଣୀଧନ ସହାୟତା ଓ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ ।

ଅନୁଗୋଳ,ତା.୦୧.୦୬:- ଗୃହପାଳିତ ପ୍ରାଣୀଧନକୁ ଚିକିତ୍ସା ସେବା ଯୋଗାଇ ଦେବା ଓ ସେମାନଙ୍କ ପ୍ରତି ହେଉଥିବା ନିଷ୍ଠୁରତା ସମ୍ପର୍କରେ ସଚେତନତା ସୃଷ୍ଟିକୁ ନେଇ ଆଜି ଜିଲ୍ଲା କାର୍ଯ୍ୟାଳୟ ପରିସରରୁ ବାହାରିଛି ପ୍ରାଣୀଧନ ସହାୟତା ଓ ଆମ୍ବୁଲାନ୍ସ ସେବା ରଥ । ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ ଓ ଜିବେ ନିଷ୍ଠୁରତା ନିରୋଧ ସମିତି ଦ୍ୱାରା ବାହାରିଥିବା ଏହି ରଥକୁ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଛନ୍ତି । ଗୃହପାଳିତ ପ୍ରାଣିମାନଙ୍କ ସେବା ଚିକିତ୍ସା ଆମ୍ବୁଲାନ୍ସ ଅଧିନରେ ଯୋଗାଇ ଦିଆଯିବା ସହ ପ୍ରାଣୀମାନଙ୍କ ପ୍ରତି ହେଉଥିବା ନିଷ୍ଠୁରତା ବିରୋଧରେ ଜନସଚେତନତା ସୃଷ୍ଟି କରାଯିବ । ଏହି ରଥର ମୁଳ ଉଦ୍ଦେଶ୍ୟ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରଞ୍ଜିତ କୁମାର ଦାସଙ୍କ ସମେତ ନେହେରୁ ଯୁବ କେନ୍ଦ୍ର ଓ ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।